# Akashvani, Sambalpur

## SAMBALPURI NEWS EVENING BULLETIN

## 1.3.2025- 7.02 pm- 7.12 pm.

*******************************************

୧- ଚାଷ୍ ଆଉ ଗାଁର୍ ବିକାଶ କେନ୍ଦ୍ର ସରକାରଙ୍କର ଦୁଇଟା ମୁଖିଆ ଲକ୍ଷ୍ୟ ଆଏ- କହେଲେ ପ୍ରଧାନମନ୍ତ୍ରୀ ।

୨- ରାଏଜେ ନୂଆଁ ହିତାଧିକାରୀଙ୍କର ରାସନ୍‌କାର୍ଡ୍ ଲାଗି ଆଏଜ୍‌ଠାନୁ ମୁଲ୍‌ହେଲା ଅନ୍‌ଲାଇନ୍ ପଞ୍ଜିକରଣ୍ ।

୩- ଝାରସୁଗୁଡ଼ାନୁ ମୁମ୍ବାଇକେ ଆଏଜ୍‌ଠାନୁ ମୁଲ୍ ହେଲା ସବୁଦିନିଆ ବିମାନ୍ ସେବା ।

ଆଉର୍

୪- ରାଏଜେ ମାର୍ଚ୍ଚ ପହେଲାନୁ ବଢ଼୍‌ଲା ତାତି, ୩୮ ଦଶମିକ ୫ ଡିଗ୍ରୀ ସହେତେ ଟିଟିଲାଗଡ଼ ଆଏଜ୍ ସବୁନୁ ତତ୍‌ଲା ସହର୍ ।

ବଜେଟ୍ ପରର୍ ୱେବିନାର-ପ୍ରଧାନମନ୍ତ୍ରୀ ପିଆଇପି

କେନ୍ଦ୍ର ସରକାର କୃଷି କ୍ଷେତ୍ରକେ ବିକାଶ୍‌ର ପହେଲା ଇଞ୍ଜିନ୍ ଭାବେ ଦେଖ୍‌ସନ୍ ଆଉ ଚାଷୀମାନ୍‌ଙ୍କୁ ସେ ହିସାବେ ସମ୍ମାନ୍

ଦେଇ ଆସୁଛନ୍ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । କୃଷି ଆଉ କୃଷକ୍ କଲ୍ୟାଣ ମନ୍ତ୍ରଣାଳୟ ତର୍ଫୁ ଆଏଜ୍ ନୂଆଦିଲ୍ଲୀଠାନେ କୃଷି ଆଉ ଗ୍ରାମୀଣ ସମୃଦ୍ଧି ଶୀର୍ଷକ୍ ବଜେଟ୍ ପରର୍ ୱେବିନାର୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍, ଚାଷୀ ଆଉ ଗାଁର୍ ବିକାଶ ସରକାରଙ୍କର୍ ଦୁଇଟା ମୁଖିଆ ଲକ୍ଷ୍ୟ ରହିଛେ ଆଉ ସେ ଦିଗେ ବହୁତ୍‌ଟେ ପଦକ୍ଷେପ ନିଆଯାଉଛେ । ୨୦୨୫-୨୬ ବଜେଟ୍‌ଥି ଭିଲ୍ ଚାଷ୍ ଆଉ ଚାଷୀର୍ ବିକାଶ୍ ଲାଗି ବହୁତ୍ ବ୍ୟବସ୍ଥା କରାଯାଇଛେ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍---- ପ୍ରଧାନମନ୍ତ୍ରୀ)

ଇନ ଜନେଇ ଦିଆଯାଇପାରେ ଯେ ୬ ବଛର୍ ଆଘୋନୁ ପିଏମ୍ କିଶାନ୍ ସମ୍ମାନ ନିଧି ଯୋଜ୍‌ନା ମୁଲ୍ ହେଇଥିଲା । ଯୋଜ୍‌ନାଥି ଇଛେନ୍‌ତକ୍ ପାଖାପାଖି ୧୧ କୋଟି ଚାଷୀଙ୍କୁ ୩ ଲାଖ୍ ୭୫ ହଜାର କୋଟି ଟଙ୍କା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତ ଆର୍ଏନ୍‌ୟୁ/

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏବା କାଏଲ୍‌ଠାନୁ ଦୁଇଦିନିଆ କେନ୍ଦୁଝର ଗସ୍ତଥି ଯିବେ । ଚମ୍ପୁଆ ଆଉ ରାଇକଲାଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଯୋଗ୍

ଦେବେ ବଲି କେନ୍ଦୁଝରର ଜିଲ୍ଲା ପ୍ରଶାସନ୍ ତର୍ଫୁ ସୂଚ୍ନା ମିଳିଛେ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି ଆର୍‌ଏନ୍‌ୟୁ/

ଆଏବା ସୋମବାର ଭୁବନେଶ୍ୱରନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଲାଗି ପଞ୍ଜିକରଣ ସ୍ଲଟ୍ ବୁକିଂ ଆଏଜ୍ ଶେଷ୍ ହେଇଛେ । ମୁଖ୍ୟମନ୍ତ୍ରୀ ଜନଶୁଣାଣି ପୋର୍ଟାଲ୍ ଆଉ ମୋବାଇଲ୍ ଆପ୍ ଜରିଏ ହଜାରେ ଝନ୍‌ଙ୍କର ଆବେଦନ୍‌କେ ଗ୍ରହଣ କରାଯାଇଛେ । ଇ ହଜାରେ ଝନ୍ ଆବେଦନ୍‌କାରୀ ନିଜର ପଞ୍ଜିକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ଆଉ ନିଜର୍ ଅଭିଯୋଗ ପତ୍ର ସହେତେ ୟୁନିଟ୍ ୫ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ ପ୍ରକୋଷ୍ଠନ ଧାରିଜ୍ ସମିଆଥି ଉପସ୍ଥିତ୍ ରହେବାର୍ ଲାଗି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ରାସନକାର୍ଡ ପଞ୍ଜିକରଣ ଆଏଜ୍‌ନୁ ମୁଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆ ରାସନ୍ କାର୍ଡ ଲାଗି ଆଏଜ୍‌ଠାନୁ ପଞ୍ଜିକରଣ ମୁଲ୍ ହେଇଛେ । ବାଦ୍ ପଡ଼ିଥିବା ଆଉ ରାସନ୍ କାର୍ଡ ନାଇ ପାଇଥିବା ଲୁକେ ଅନ୍‌ଲାଇନ୍ ଜରିଏ ନିଜର୍ ନାଁ ପଞ୍ଜିକରଣ କରିପାର୍‌ବେ । ଇ ମାସର୍ ୩୧ ତାରିଖ୍ ତକ୍ ଇ ପଞ୍ଜିକରଣ ପ୍ରକ୍ରିୟା ଚାଲ୍‌ବା  ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇହାଦେ ତକ୍ ୪ ଲାଖ୍ ମୃତକଙ୍କର୍ ନାଁଥି ଥିବା ରାସନ୍ କାର୍ଡ କଟି ସାର୍‌ଲାନ ଆଉ ଆଗ୍‌କେ ଭିଲ୍ ସର୍ଭେ ଜାରି ରହିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

## ଅଙ୍ଗନୱାଡ଼ି ପାଚିକାଙ୍କର୍ ସାହାଜ୍ ବଢ଼୍‌ଲା

ଆର୍‌ଏନ୍‌ୟୁ/ କଟକ

ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜ୍‌ନା ଅଧିନ୍‌ଥି କାମ୍ କରୁଥିବା ପାଚିକା ଆଉ ସହାୟିକାମାନ୍‌ଙ୍କର୍ ମାସ୍‌କିଆ ସାହାଜ୍ ଟଙ୍କା ୨ ହଜାର୍‌ନୁ ୩ ହଜାର୍ ଟଙ୍କାକେ ବଢ଼ାଯାଇଛେ । ଆଏବା ଏପ୍ରିଲ ୧ ତାରିଖ୍‌ନୁ ଇ ବଢ଼୍‌ତି ସାହାଜ୍ ଟଙ୍କା ଦିଆଯିବା । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ମିଳିଥିବା ସୂଚ୍‌ନା ଅନ୍‌ସାରେ ପ୍ରଧାନମନ୍ତ୍ରୀ

ପୋଷଣ ଶକ୍ତି ନିର୍ମାଣ ଯୋଜ୍ନା ଲାଗି ବଜେଟ୍ଥି ଥିବା ରାଜ୍ୟର୍ ଭାଗ୍ନୁ ଇ ବଢ଼୍ତି ସାହାଜ୍ ଟଙ୍କା ଦିଆଯିବା ।

ଆଇପିଏସ୍ ଅଦଲ୍ବଦଲ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସରକାର ଆଇପିଏସ୍ ସ୍ତର୍ନ ଅଦଲ୍ବଦଲ୍ କରିଥିବା ବେଲ୍କେ କଳାହାଣ୍ଡି ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି’ଙ୍କୁ ବଲାଙ୍ଗୀରକେ, ବୌଦ୍ଧ ଆର୍କ୍ଷୀ ଅଧିକ୍ଷକ ନାଗାରାଜ ଦେବକୁଣ୍ଡାଙ୍କୁ କଳାହାଣ୍ଡିକେ ଆଉ କଟକ ରେଳବାଇ ଆର୍କ୍ଷୀ ଅଧିକ୍ଷକ ରାହୁଲ ଗୋଏଲଙ୍କୁ ବୌଦ୍ଧ ଏସ୍ପି ଭାବେ ବଦ୍ଲି କରିଛନ୍ । ସେନ୍ତା ନୂଆପଡ଼ା ଏସ୍ଡିପିଓ ଅମ୍ରିତ୍ ପାଲ୍ ସିଂହଙ୍କୁ ଖୋର୍ଦ୍ଧା ଅତିରିକ୍ତ ଏସ୍ପି ଭାବେ ବଦ୍ଲି କରିଛନ୍ ।

ପିସିସିଏଫ୍ ନିଯୁକ୍ତି ଆର୍ଏନ୍ୟୁ/

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ୍ ପିସିସିଏଫ୍ ଭାବେ ସୁରେଶ ପନ୍ତଙ୍କୁ ନିଯୁକ୍ତି ଦିଆଯାଇଛେ । ଇ ବାବ୍ଦେ ସାଧାରଣ ପ୍ରଶାସନ୍

ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ଶ୍ରୀ ପନ୍ଥ ହଉଛନ୍ ୧୯୯୦ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଧିକାରୀ ।

ଝାରସୁଗୁଡ଼ା-ମୁମ୍ବାଇ ବିମାନ ସେବା ଝାରସୁଗୁଡ଼ା ସମ୍ବାଦଦାତ

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରନୁ ଦେଶର୍ ଆର୍ଥିକ୍ ରାଜଧାନୀ ମୁମ୍ବାଇକେ ଆଏଜ୍‌ଠାନୁ ବିମାନ ସେବା ମୁଲ୍ ହେଇଛେ । ଇଣ୍ଡିଗୋ ଏୟାର୍ ଲାଇନ୍ସ ଇ ସେବା ଯୁଗେଇ ଦଉଛେ । ୨ ଶହ ୩୨ଟା ସିଟ୍ ଥିବା ଇ ବିମାନ୍ ଫି ଦିନ ଚଲାଚଲ୍ କର୍‌ବା । ବିମାନ୍ ଦୁଇ ପହରର୍ ୧ ବଜେ ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର ନପୁହୁଁଚିବା ଆଉ ୨ ବଜେ ମୁମ୍ବାଇକେ ଯିବା । ଆଏଜ୍ ପହେଲା ଦିନେ ୯୦ ଝନ୍ ଯାତ୍ରୀ ଝାରସୁଗୁଡ଼ାକେ ଆସିଥିବାର୍ ବେଲେ ଆଉ ୯୦ ଝନ୍ ଯାତ୍ରୀ ମୁମ୍ବାଇକେ ଯାତ୍ରା କରିଛନ୍ । ଇ ଅବ୍‌ସରେ ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜନେଇଥିଲେ ।

(ଭଏସ୍ ଓଭର)

ମାଟ୍ରିକ୍ ପ୍ରଶ୍ନପତ୍ର ତ୍ରୁଟି ଆର୍‌ଏନ୍‌ୟୁ/

ଓଡ଼ିଶା ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଳିତ୍ ମାଟ୍ରିକ୍ ପରୀକ୍ଷା ବିଜ୍ଞାନ୍ ପ୍ରଶ୍ନପତ୍ରଥି ଭୁଲ୍ ହେଇଛେ ବଲି ବୋର୍ଡ୍ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ । ବିଜ୍ଞାନ୍ ସି-ସେଟ୍ ଥି ୪ ମାର୍କା କମ୍ ଅଛେ ବଲି ଆଏଜ୍ ବୋର୍ଡ ତର୍‌ଫୁ କୁହାଯାଇଛେ । ପ୍ରଶ୍ନପତ୍ର ଭୁଲ୍‌ଥି କେହେନ୍‌ସି ପରୀକ୍ଷାର୍ଥିଙ୍କର କ୍ଷତି ନାଇ ହୁଏ ବଲି ଶ୍ରୀ ତରାଇ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍ ।

ଜାତୀୟ ତୀରନ୍ଦାଜ ପ୍ରତିଯୋଗିତା ହି.ସ.

୩ ନମ୍ବର୍ ଏନ୍‌ଟିପିସି ଜାତୀୟ ରେଙ୍କିଙ୍ଗ୍ ତୀରନ୍ଦାଜ୍ ଟୁର୍ନାମେଂଟ ଆଏବା କାଏଲ୍‌ଠାନୁ ପୁରୀର୍ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍‌ଠାନେ ମୁଲ୍ ହେବା । ଭାରତୀୟ ତୀରନ୍ଦାଜ୍ ସଂଘ, ଏନ୍‌ଟିପିସି, କେନ୍ଦ୍ର କ୍ରୀଡ଼ା ଆଉ ଯୁବ ବ୍ୟାପାର ମନ୍ତ୍ରଣାଳୟ, ଓଡ଼ିଶା ସରକାର ଆଉ ରାଜ୍ୟ ତୀରନ୍ଦାଜ ସଂଘର୍ ମିଲତ୍ ସହଯୋଗ୍‌ଥି ହେବାର୍‌କେ ଥିବା ପ୍ରତିଯୋଗିତା ମାର୍ଚ୍ଚ ୧୦ ତାରିଖ୍ ତକ୍ ଚାଲ୍‌ବା ବଲି ରାଜ୍ୟ ତୀରନ୍ଦାଜ ସଂଘର୍ ସମ୍ପାଦକ୍ ସମ୍ପୂର୍ଣ୍ଣାନନ୍ଦ ଦାସ୍ ସୂଚ୍‌ନା ଦେଇଛନ୍ । ଇଥି ସିନିୟର, ଜୁନିୟର୍ ଆଉ ସବ୍ ଜିନୟର୍ ବର୍ଗଥି ଭିନ୍ ଭିନ୍

ରାଜ୍ୟର ୩ ଶହ ୭୬ ଝନ୍ ପ୍ରତିଯୋଗୀ ଭାଗ୍ ନେବେ ବଲି ଶ୍ରୀ ଦାସ କହିଛନ୍ ।

ନିଯୁକ୍ତି ମେଳା ବରଗଡ଼ ସମ୍ବାଦଦାତ

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଆଉ ବରଗଡ଼ ଜିଲ୍ଲା ପ୍ରଶାସନ୍‌ର ମିଳିତ୍ ସହଯୋଗ୍‌ଥି ଆଏବା ୧୨ ତାରିଖ୍ ବୁଧ୍‌ବାର ଦିନ ସହରର ପାଣି ପଂଚାୟତ୍ ଭବନ୍‌ଠାନେ ଗୁଟେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ହେବା । ମେଳାଥି ଜିଲ୍ଲାର ସବୁ ବ୍ଲକ୍ ଆଉ ସହର ଇଲାକାର୍ ବେକାର୍ ଯୁଆନ୍ ପିଲାଟୁକେଲ୍‌ମାନେ ଭାଗ୍ ନେଇପାର୍‌ବେ । ଇଚ୍ଛୁକ୍ ପ୍ରାର୍ଥୀମାନେ ନିଜର ନିଜର୍ ଶିକ୍ଷାଗତ୍ ଯୋଗ୍ୟତାର ପ୍ରମାଣପତ୍ର ଆଉ ତାର୍ ନକଲ୍ ସହେତେ ଗୁଟେ ପାସ୍‌ପୋର୍ଟ ଫଟୋ, ଆଧାର୍‌କାର୍ଡ ଧରି କରି ମେଳାଥି ଯୋଗ୍‌ଦେବାର୍‌କେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ନିଯୁକ୍ତି ମେଳା ବରଗଡ଼ ସମ୍ବାଦଦାତ

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଆଉ ବରଗଡ଼ ଜିଲ୍ଲା ପ୍ରଶାସନ୍‌ର ମିଳିତ୍ ସହଯୋଗ୍‌ଥି ଆଏବା ୧୨ ତାରିଖ୍ ବୁଧ୍‌ବାର ଦିନ ସହରର ପାଣି ପଂଚାୟତ୍ ଭବନ୍‌ଠାନେ ଗୁଟେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ହେବା । ମେଳାଥି ଜିଲ୍ଲାର ସବୁ ବ୍ଲକ୍ ଆଉ ସହର ଇଲାକାର୍  ବେକାର୍ ଯୁଆନ୍ ପିଲାଟୁକେଲ୍‌ମାନେ ଭାଗ୍ ନେଇପାର୍‌ବେ । ଇଚ୍ଛୁକ୍ ପ୍ରାର୍ଥୀମାନେ ନିଜର ନିଜର୍ ଶିକ୍ଷାଗତ୍ ଯୋଗ୍ୟତାର ପ୍ରମାଣପତ୍ର ଆଉ ତାର୍ ନକଲ୍ ସହେତେ ଗୁଟେ ପାସ୍‌ପୋର୍ଟ ଫଟୋ, ଆଧାର୍‌କାର୍ଡ ଧରି କରି ମେଳାଥି ଯୋଗ୍‌ଦେବାର୍‌କେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ରାଜସ୍ୱ ମନ୍ତ୍ରୀ ସୁବର୍ଣ୍ଣପୁରରେ ସମୀକ୍ଷା     ସୋନପୁର ସମ୍ବାଦଦାତା

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଏଜ୍ ସୁବର୍ଣ୍ଣପୁର ଜିଲ୍ଲାନେ ଭୂମିହୀନ ଆଉ ଶିକ୍ଷାନୁଷ୍ଠାନ୍‌ମାନକୁ ଜମି ପଟ୍ଟା ସୁନିଶ୍ଚିତ୍ କର୍‌ବାର୍ ସହେତ ହାଇଟେକ୍ ସର୍ଭେର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ରାଜସ୍ୱ ବିଭାଗ୍‌ର କାମ୍ ସହେତେ  ଜମିଜମା ସମସ୍ୟାର୍ ସମାଧାନ୍ ଲାଗି ରାଜ୍ୟ ସରକାର କାମ୍ କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ସମୀକ୍ଷା ବୈଠକ୍‌ଥି ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ବିଧାୟକ

ରଘୁନାଥ ଜଗଦଲା, ଜିଲ୍ଲାପାଳ ଅନ୍ୟା ଦାସ ଆଉ ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ସଡ଼କ ସୁରକ୍ଷା କମିଟି ବୈଠକ୍ - ଦେବଗଡ଼ ସମ୍ବାଦଦାତ

ଦେବଗଡ଼ ଜିଲ୍ଲାପାଳଙ୍କର ସମ୍ମିଳନୀ କକ୍ଷଠାନେ ଆଏଜ୍ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲାନ କେନ୍ତାକରି ସଡ଼କ୍ ଦୁର୍ଘଟନା ରୋକାଯାଇ ପାର୍‌ବା ସେ ବାବ୍‌ଦେ ଆଲୋଚନା ହେଇଥିଲା । ଖାସ୍ କରି ଗାଡ଼ିମାନଙ୍କର ଚେକିଂ ସହେତେ ଟ୍ରାଫିକ୍ ନିୟମ୍ ପାଳନ ଉପ୍‌ରେ ସଚେତନ୍ କର୍‌ବାର୍‌କେ ବୈଠକ୍‌ଥି ଜୋର୍ ଦିଆଯାଇଥିଲା ।

ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ୍ କଳାହାଣ୍ଡି ସମ୍ବାଦଦାତା

କେନ୍ଦ୍ର ଯୁବବ୍ୟାପାର ଆଉ କ୍ରୀଡ଼ା ମନ୍ତ୍ରଣାଳୟ ନେହରୁ ଯୁବକେନ୍ଦ୍ର-ମାଇଁ ଭାରତ୍ କଳାହାଣ୍ଡି ଶାଖା ଆଉ ୬୪ ବାଟାଲିୟନ୍ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ତର୍‌ଫୁ କଳାହାଣ୍ଡି

ଜିଲ୍ଲା ଅଟାଙ୍ଗଗୁଡ଼ା ସିଆର୍‌ପିଏଫ୍ କେମ୍ପଠାନେ ୧୬ ନମ୍ବର ଜନଜାତି ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ୍‌ର ୧୧ ନମ୍ବର ଖେପ୍ ଯାତ୍ରା ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର ମାଓ ଅଧ୍ଯୁଷିତ୍ ଇଲାକାର୍ ୨୦ ଝନ୍ ଯୁଆନ୍ ପିଲାଟୁକେଲ୍ ଉତରପ୍ରଦେଶକେ ଯାତ୍ରା କରିଛନ୍ ।

ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ    ଆର୍‌ଏନ୍‌ୟୁ/ସମ୍ବଲପୁର

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ଦୁଇ ନମ୍ବର ସେମିଫାଇନାଲ୍ ମେଚ୍ ଇହାଦେ ଫୁଟ୍‌ବଲ୍ ଆସୋସିଏସନ୍ ଓଡ଼ିଶା ଆଉ ଜର୍ଜ ଟେଲିଗ୍ରାଫ୍, କୋଲ୍‌କାତା ଦଲ୍ ଭିତ୍‌ରେ ଚାଲିଛେ । ଆଏବା କାଏଲ୍ ଗୁଟେ ମହିଳା ପ୍ରଦର୍ଶନୀ ଫୁଟ୍‌ବଲ୍ ମେଚ୍ ହେବା ଆଉ ପର୍‌ଦିନ ଟୁର୍ନାମେଂଟର ଫାଇନାଲ୍ ମେଚ୍ ଖେଲାଯିବା ।

ସୁଭଦ୍ରା ସାହାଜ୍ ଟଙ୍କା    ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍ସରେ ସୁଭଦ୍ରା ଯୋଜ୍ନାର ଦୁଇ ନମ୍ବର କିସ୍ତି ସାହାଜ୍ ଟଙ୍କା ହିତାଧିକାରୀମାନଙ୍କୁ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍, ସାରା ରାଜ୍ୟର୍ ପାଖାପାଖି ୧ କୋଟି ହିତାଧିକାରୀ ଇ ସାହାଜ୍ ଟଙ୍କା ପାଏବେ । ବେଙ୍କ୍ ଖାତା ସଙ୍ଗେ ଆଧାର ସଂଯୋଗ୍ ଆଉ ଡିବିଟି ସମସ୍ୟା ଲାଗି ୨ ଲାଖ୍ ହିତାଧିକାରୀଙ୍କୁ ପହେଲା କିସ୍ତି ଟଙ୍କା ନାଇ ମିଳିପାରି । ଇ ଅବ୍ସରେ ସେମାନଙ୍କୁ ଭିଲ୍ ସୁଭଦ୍ରା ସାହାଜ୍ ଟଙ୍କା ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ସୂଚ୍ନା ଦେଇଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ବଢୁଛେ ତାତି । ମାର୍ଚ୍ଚ ମାସ୍ ମୁଲ୍ ହଉନ୍ସାଏର୍ ଆଏଜ୍ ରାଜ୍ୟର ସବୁ ଇଲାକାନ ଅପ୍ରବଲ୍ ଗରମ୍ ହେଇଥିଲା । ୩୮ ଦଶମିକ ୫ ଡିଗ୍ରୀ ତାତି ସହେତେ ଟିଟିଲାଗଡ଼ ଆଏଜ୍ ରାଜ୍ୟର୍ ସବୁନୁ ତତ୍ଲା ସହର ହେଇଛେ । ୨୦ଟା ସହରର୍ ଦିନର୍ ତାପମାତ୍ର ଆଏଜ୍ ୩୫ ଡିଗ୍ରୀ ଉପ୍ରେ ରହିଥିଲା । ଆଏବା ୪/୫ ଦିନ୍ ଭିତ୍ରେ ତାପମାତ୍ରାଥି କିଛି ପରିବର୍ତନ

ନାଇହୁଏ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।